# Akashvani, Sambalpur

## SAMBALPURI NEWS BULLETIN

### 23 November 2025 – 6.47- 6.52 am.

**********************************************

ଓଡ଼ିଶା ରାଜ୍ୟ ଦିବସ I&PR

ସମୃଦ୍ଧ ସଂସ୍କୃତି ଆଉ ପରମ୍ପରାର୍ ସୁରକ୍ଷା ସହେତେ ତାଲ୍‌ମେଲ୍ ଦେଇକରି ପ୍ରଗତି ଆଉ ଆଧୁନିକତାକେ ଅପ୍‌ନେଇକରି ସବୁ ବର୍ଗର୍ ଲୋକ୍‌ମାନ୍‌କର୍ ସାମଗ୍ରିକ୍ ବିକାଶ୍ ଲାଗି ସର୍‌କାର୍ ପ୍ରତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଦିଲ୍ଲୀ ନ ଚାଲିଥିବା ୪୪ ନମ୍ବର୍ ଭାରତ୍ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର୍ ୯ ନମ୍ବର୍ ଦିନେ ଗଲାକାଏଲ୍ ପାଲିତ୍ ହେଇଥିବା ଓଡ଼ିଶା ରାଜ୍ୟ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସମାରୋହକେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଉତ୍କଳ ପ୍ରସଙ୍ଗ ଆଉ ଓଡ଼ିଶା ରିଭ୍ୟୁ ପତ୍ରିକାର୍ ଖାସ୍ ସଂଖ୍ୟାକେ ଉନ୍ମୋଚନ୍ କରିଥିଲେ । ତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ମଣ୍ଡପ୍ ବୁଲିକରି ଭିନ୍ ଭିନ୍ ବିଭାଗ୍‌ର ଷ୍ଟଲ୍ ଅଧିକାରୀ ଶିଳ୍ପୀ ଆଉ ବୁଣାକାର୍ ମାନ୍‌କର୍ ସାଙ୍ଗେ କଥା ହେଇକରି ଓଡ଼ିଶାର୍ ଗୌରବ୍‌ମୟ ଇତିହାସ୍‌କେ ବଜାୟ ରଖିବାର୍ ଲାଗି ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍           ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୨ ଦିନିଆ କେନ୍ଦୁଝର୍ ଗସ୍ତଥି ଯାଉଛନ୍ । ସେନ ରାଇଜିଂ ଷ୍ଟାର୍ ତରଫୁ ଆୟୋଜିତ ୭ ନମ୍ବର୍ ଜାତୀୟ କଳିଙ୍ଗ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମ୍ବଲପୁର           ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍‌ଠାନୁ ୩ ଦିନିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ବଲ୍‌ପୁର୍ ଗଙ୍ଗାଧର୍ ମଣ୍ଡପ୍ ନ ଚାଲିଥିବା ସଂସଦ୍ ଖେଲ୍ ମହୋତ୍ସବ୍ -୨୦୨୫ ର ଫାଇନାଲ୍ ମେଚ୍‌ଥି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଏଜ୍ ଯୋଗ୍ ଦେବେ । ଆଏବା କାଏଲ୍ ସମ୍ବଲ୍‌ପୁର୍ ଚିଡ଼ିଆଖାନା ନ ଭିନ୍ ଭିନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବା । ଇତାର୍ ଉତ୍‌ରୁ ତପସ୍ୱିନୀ ହଲ୍ ନ ଜିଲ୍ଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପ୍ରଧାନ୍ ବିଚାର୍‌ପତି           ଆର୍‌ଏନ୍‌ୟୁ/ ସମ୍ବଲପୁର

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶର୍ ୫୩ ତମ ପ୍ରଧାନ୍ ବିଚାର୍‌ପତି ଭାବେ ଆଏବା କାଏଲ୍ ଶପଥ୍ ନେବେ । ରାଷ୍ଟ୍ରପତି ଭବନ୍ ନ ହେବାର୍‌କେ ଥିବା ଇ ଶପଥ୍ ଗ୍ରହଣ୍ ସମାରୋହଥି ପୁର୍‌ଥିର୍ ୬ ଟା ଦେଶର୍ ମୁଖ୍ୟ ନ୍ୟାୟାଧୀସ୍ ଯୋଗ୍ ଦେବେ ବଲି ସୂଚ୍‌ନା ମିଳିଛେ । ଇହାଦେର୍ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗଭାଇଙ୍କର୍ କାର୍ଯ୍ୟକାଲ୍ ଆଏଜ୍ ଶେଷ୍ ହେଉଛେ । ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର୍ କାର୍ଯ୍ୟକାଲ ୧୪ ମାସ୍ ରହେବା । ୨୦୨୭ ଫେବୃଆରୀ ୯ ତାରିଖ୍ ଦିନ ସେ ଅବ୍‌ସର୍ ନେବେ ।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ      I&PR

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ୨ ଦିନିଆ ବୌଦ୍ଧ, କନ୍ଧମାଲ୍ ଆଉ ଗଞ୍ଜାମ୍ ଜିଲ୍ଲା ଗସ୍ତଥି ଯାଇକରି ଭିନ୍ ଭିନ୍ ପ୍ରସଙ୍ଗ୍‌ଥି ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଜିଲ୍ଲାମାନ୍‌କେ ଆଇନ୍ ଶୃଙ୍ଖଲା ପରିସ୍ଥିତି, ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ୍ ଆଉ ଚୁରାଚାଲାଣ୍ ରୁକ୍‌ବାର୍ ଦିଗେ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ନୂଆଁ ଶ୍ରମ ସଂହିତା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଶ୍ରମ ଆଇନ୍‌ମାନ୍‌କୁ ଅଏତ୍‌କା ସରଲ୍ କର୍‌ବାର୍ ଉଦ୍ଦେଶ୍‌ଥି ସର୍‌କାର୍ ୪ ଟା ନୂଆଁ ଶ୍ରମ ସଂହିତା ଲାଗୁ କରିଛନ୍ । ଇ ସଂହିତା ମାନ୍‌କର୍ ଜରିଏ ବିଶ୍ୱସ୍ତରର୍ ସାମାଜିକ୍ ସୁରକ୍ଷା, ସର୍ବନିମ୍ନ ଆଉ ଠିକ୍ ସମିଆଥି ମଜୁରୀ, ସୁରକ୍ଷିତ୍ କର୍ମସ୍ଥଳୀ ଆଉ ମହିଳା ଆଉ ଯୁଆନ୍ ବର୍ଗ ଲାଗି ଆର୍ଥିକ୍ ସୁଯୋଗ୍ ସୁନିର୍ଶ୍ଚିତ୍ କରାଯାଇପାର୍‌ବା । ନୂଆଁ କରି ଲାଗୁ କରାଯାଇଥିବା ଇ ଆଇନ୍‌କେ ଭିନ୍ ଭିନ୍ ମହଲ୍ ନ ପ୍ରଶଂସା କରାଯାଉଛେ । ଇ ପଦକ୍ଷେପ୍ ଶ୍ରମିକ୍‌ମାନ୍‌କର୍ ସୁରକ୍ଷାକେ ସୁନିର୍ଶ୍ଚିତ୍ କରିପାର୍‌ବା ବଲି ବଲାଙ୍ଗିର୍‌ର ଶ୍ରମିକ ନେତା ବିଭୁଦତ ମିଶ୍ର ଆକାଶ୍‌ବାଣୀକେ କହିଛନ୍ ।

(ଭଏସ୍ ଓଭର୍- ଶ୍ରମିକ ନେତା)

ନବକୃଷ୍ଣ ଚୌଧୁରୀ- ଜୟନ୍ତୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ଜନନାୟକ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର୍ ଆଏଜ୍ ହେଉଛେ ଜନମ୍ ଦିନ୍ । ସେ ୧୯୦୧ ମସିହା ଆଝିର୍ ଦିନେ ଜଗତ୍‌ସିଂହପୁର୍ ଜିଲ୍ଲା ନ ଜନମ୍ ହେଇଥିଲେ । ୧୯୫୦ ନୁ ୫୬ ମସିହାତକ୍ ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ଥିଲେ । ଓଡ଼ିଆ ଭାଷାର୍ ବିକାଶ୍

ଲାଗି ସେ ବହୁତ୍‌ଟେ କାମ୍ କରିଛନ୍ । ଜୟନ୍ତୀ ଅବ୍‌ସରେ ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ପରିସର୍ ନ ବାଚସ୍ପତି, ମନ୍ତ୍ରୀ ଆଉ ବିଧାୟକ୍‌ମାନେ ତାଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କର୍‌ବେ । ସଞ୍ଜ୍‌ବେଲା ସେନ୍ତା ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ରାଜ୍ୟସ୍ତରୀୟ ଜୟନ୍ତୀ ପାଲନ୍ କରାଯିବା ବଲି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଧନୁଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ବର୍‌ଗଡ଼୍ ଧନୁଯାତ୍ରା ମହୋତ୍ସବ୍ ସମିତିର୍ ସାଂସ୍କୃତିକ୍ କମିଟିର୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ୧୧ ଦିନର୍ ଯାତ୍ରାଥି କଂସ୍ ରାଜ୍ ଦର୍‌ବାର୍ ଆଉ ରଙ୍ଗମହଲ୍ ସହେତେ ଗୋପପୁର୍ ନନ୍ଦ ଦର୍‌ବାର୍ ନ ଫି' ସଞ୍ଝେ ନାଚ୍ ଗୀତ୍ ପରିବେଷିତ୍ କରାଯିବା । ଇତାକେ ନେଇକରି କମିଟିର୍ ମୁଖ୍ୟ ଆବାହକ୍ ଅତିରିକ୍ତ ଜିଲ୍ଲାପାଲ୍ ମଧୁଛନ୍ଦା ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ସଭାକକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଆଇ.ଏଫ୍.ଏଫ୍.ଆଇ. ଆର୍‌ଏନ୍‌ୟୁ/ କଟକ୍

ଗୋଆ ଠାନେ ଚାଲିଥିବା ୫୬ ନମ୍ବର୍ ଆନ୍ତର୍ଜାତିକ୍ ଚଳଚ୍ଚିତ୍ର ମହୋତ୍ସବ୍ ଆଇ.ଏଫ୍.ଏଫ୍.ଆଇ.-୨୦୨୫ ଥି ସୃଜନଶୀଳତା ଆଉ

ପ୍ରଯୁକ୍ତିବିଦ୍ୟାର୍ ସମନ୍ୱୟ ବିଷୟବସ୍ତୁକେ ନେଇକରି ଭିନ୍ ଭିନ୍ ଆଲୋଚନାଚକ୍ରମାନ୍ କରାଯାଉଛେ । ଚଳଚ୍ଚିତ୍ର ଶିଳ୍ପକେ ଆଗ୍‌କେ ନେବାର୍ ଲାଗି ମହୋତ୍ସବ୍‌ଥି ଗଲାକାଏଲ୍ ୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ଗଲାକାଏଲ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଆଏବା ୨ ଦିନ୍ ଭିତ୍‌ରେ ଇଟା ପଶ୍ଚିମ ଆଉ ଉତର୍ ପଶ୍ଚିମ୍ ଦିଗ୍ ଆଡ଼େ ଯିବା । ଆଏବାକାଏଲ୍‌ତକ୍ ଲଘୁଚାପ୍ କ୍ଷେତ୍ର ଅବପାତ୍‌ଥି ବଦ୍‌ଲିପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।